ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଦୃଷ୍ଟି ଦିଆଯିବ: ମୁଖ୍ୟମନ୍ତ୍ରୀ

ସମ୍ବଲପୁର, (ଆପ୍ର): ସମ୍ବଲପୁର ଜିଲ୍ଲାରେ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ଏବଂ ହୀରାକୁଦ ଆଦି ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦିଗରେ କି କି ପଦକ୍ଷେପ ଗ୍ରହଣ କରାଯାଇ ପାରିବ ଏକ ବିଶେଷ ରିପୋର୍ଟ ପ୍ରସ୍ତୁତ କରି ପ୍ରଶାସକଙ୍କୁ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । କଡା ସୁରକ୍ଷା ବଳୟ ମଧ୍ୟରେ ମୁଖ୍ୟମନ୍ତ୍ରୀ ପ୍ରଥମେ ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ । ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ରେଡାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ଉପସ୍ଥିତ ଥିଲେ ।

ନିମ୍ନମାନର ରାସ୍ତାକାମ ହେଉଥିବା ଅଭିଯୋଗ

ଦାରିଙ୍ଗବାଡି, (ଆପ୍ର): ଦାରିଙ୍ଗବାଡି ବ୍ଲକ୍ ସୋନପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୁତୁଙ୍ଗିଆ ଗ୍ରାମର ୯ ନମ୍ବର ଓାର୍ଡରେ ନୂତନ ଭାବେ ନିର୍ମିତ ହେଉଥିବା ୩ ଲକ୍ଷ ଟଙ୍କାର କଂକ୍ରିଟ୍ ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଗତ ୨୦୧୫ ଆର୍ଥିକ ବର୍ଷରେ ସୁତୁଙ୍ଗିଆ ଗ୍ରାମରେ ବସବାସ କରୁଥିବା ଲୋକଙ୍କ ଗମନା ଗମନ ପାଇଁ ସମିତି ପକ୍ଷରୁ ୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ସେହି ପ୍ରକାରେ କାର୍ଯ୍ୟାଦେଶ ୪.୧୧.୨୦୧୫ ତାରିଖରେ ଦିଆଯାଇଥିଲା । ହେଲେ କୌଣସି କାରଣରୁ କାମ ହୋଇପାରି ନ ଥିଲା । ଏହାରି ମଧ୍ୟରେ ଉକ୍ତ ଗ୍ରାମର ୧୦ ନମ୍ବର ଓାର୍ଡର ୪୦ ପରିବାର ରହୁଥିବା ଲୋକଙ୍କ ପାଇଁ ଯିବାଆସିବା ପାଇଁ ରାସ୍ତାର ରକ୍ଷଣା ବେକ୍ଷଣା ଅଭାବରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ତେଣୁ ଅଞ୍ଚଳବାସୀ ଏନେଇ ବିଡିଓଙ୍କୁ ଅବଗତ କରାଇଥିଲେ । ଏଥିସହ ସମିତି ପକ୍ଷରୁ ଆସିଥିବା ୩ ଲକ୍ଷ ଟଙ୍କାକୁ ଉକ୍ତ ରାସ୍ତାର ମରାମତି ପାଇଁ ଦେବାକୁ ବିଡିଓଙ୍କୁ ଅନୁରୋଧ କରିଥିଲେ ଅଞ୍ଚଳବାସୀ । ବିଡିଓ ମଧ୍ୟ ସେମାନଙ୍କୁ ଏନେଇ ମଞ୍ଜୁରୀ ଦେଇଥିଲେ । କିନ୍ତୁ ଏବେ ସେହି ଅର୍ଥକୁ କନିଷ୍ଠ ଯନ୍ତ୍ରୀ ୯ ନମ୍ବର ଓାର୍ଡର ରାସ୍ତାକାମରେ ଲଗାଇଦେଇଥିବା ଅଭିଯୋଗ ଆସିଛି । ସବୁଠୁ ବଡ କଥା ହେଉଛି କି ଏଠାରେ ଯେଉଁ ରାସ୍ତାକାମ ହେଉଛି ତାହା ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ଭିତରକନିକା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା ,(ଆପ୍ର): ଭିତରକନିକା ମହୋତ୍ସବ ନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ଫେବୃୟାରୀମାସ ୭ତାରିଖ ଠାରୁ ୯ତାରିଖ ପର୍ଯ୍ୟନ୍ତ ତିନିଧରି ରାଜନଗର ନଳିତାପାଟିଆରେ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପ୍ରାୟ ୧୦ ଏକର ପରିମିତ ସଂପୃକ୍ତ ପଡିଆରେ ୧୫୦ଟିଷ୍ଟଲ ବ୍ୟବସ୍ଥା କରାଯିବା,ପେଣ୍ଡାଲ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯିବାକୁ ଭୂବନେଶ୍ୱରର ପ୍ରିଲ୍ୟୁଡ ଇଭେଂଟ ମ୍ୟାନେଜମେଂଟ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏଥି ନିମନ୍ତେ ସେହି ପଡିଆକୁ ସମତଳ କରାଯିବା ପାଇଁ ପୂର୍ତ୍ତ ଡିଡଭିଜନର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ ସହିତ ସେଠାରେ ଅସ୍ଥାଇ ନଳକୂପ ଖନନ ଓ ୨୦ଟି ପୁରୁହ ଏବଂ ୨୦ଟି ମହିଳା ଅସ୍ଥାଇ ପରିଶ୍ରାଗାର ନିର୍ମାଣ ନିମନ୍ତେ ପାନୀୟ ଜଳ ଯୋଗାଣ ତଥା ପରିମଳ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ ଦିଲ୍ଲୀପ କୁମାର ଦେହୁରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମହୋତ୍ସବରେ ପଚାଷ ପ୍ରତିଶତ ଷ୍ଟଲ ସ୍ୱୟଂ ସହାୟିକା ଗୋଷ୍ଠିମାନଙ୍କୁ ପ୍ରଦାନ କରାଯିବ ଏବଂ ଏହାର ଦାୟିତ୍ୱରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପରିଡାଙ୍କୁ ରଖାଯାଇଛି । ମାର୍ଶାଘାଇର ଅତିରିକ୍ତ ତହସିଲଦାର ବିକ୍ରମ ପରିଡାଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ଦାୟିତ୍ୱ ପ୍ରଦାନ କରାଯାଇଛି ।

ଜେସିଆଇ ବଲାଙ୍ଗିର ସିଟି ପକ୍ଷରୁ କାରାଗାରରେ ପ୍ରଶିକ୍ଷଣ ଶିବିର

ବଲାଙ୍ଗିର,୧୬.୧ - ବଲାଙ୍ଗିରର ଅଗ୍ରଣୀ ସାମାଜିକ ସଂସ୍ଥା ଜେସିଆଇ ବଲାଙ୍ଗିର ସିଟି ପକ୍ଷରୁ ଜିଲ୍ଲା କାରାଗାରରେ ୩୫୦ ଜଣ ଅନ୍ତେବାସିକୁ ଜୀବନର ମୂଲ୍ୟବୋଧ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଜେସିଆଇର ରାଷ୍ଟ୍ରିୟ ପ୍ରଶିକ୍ଷକ ଜେସିଆରଏସ୍.ଭି. କ୍ରିଷ୍ଣାଙ୍କ ଦ୍ୱାରା 'ମୋଜିବନ ମୋ ହାତରେ' ନାମକ ପ୍ରଶିକ୍ଷଣ ଅନ୍ତେବାସିଙ୍କୁ ଦେଇଥିଲେ । ଏହି ପ୍ରଶିକ୍ଷଣ ପରେ ଅନ୍ତେବାସି ମାନେ ବହୁତ ଖୁସି ଆନନ୍ଦିତ ଏବଂ ଆଗ୍ରହ ଅନୁଭୂତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଜେଲର ସଂଜୟ ବର୍ମାଙ୍କ ସହଯୋଗ କ୍ରମେ ଫଳ ମଧ୍ୟ ବଣ୍ଟାଯାଇଥିଲା । ଜେସିଆଇ ବଲାଙ୍ଗିର ସିଟିର ଅଧ୍ୟକ୍ଷା ପିଙ୍କି ମୋଦିଙ୍କ ନେତୃତ୍ୱରେ ଆୟୋଜିତ ହୋଇ କାର୍ଯ୍ୟକ୍ରମରେ ବିଷ୍ଣୁପ୍ରସାସଦ କେଡିଆ, ଅକ୍ଷୟ ବର୍ମା, ଅଭିନାଶ ଅଗ୍ରୱାଲ, ପିୟୁସ ଅଗ୍ରୱାଲ, ସୁଷମା ପାତ୍ର, ଆର୍ତତ୍ରାଣ ପାଢ଼ୀ, ଶିବ ମେହେର, ପରେଶ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ଅନିତା ଅଗ୍ରୱାଲ, ରୁକମା ଅଗ୍ରୱାଲ, ସ୍ରିଷ୍ଟି ଅଗ୍ରୱାଲ ଓ ଅନିଲ ମୋଦି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ସଂରକ୍ଷଣ ବିଭାଗ ତରଫରୁ ଭୂତଳ ଜଳ ସଂରକ୍ଷଣ କର୍ମଶାଳା

ଝାରସୁଗୁଡ଼ା, (ଆପ୍ର): ଗତ ୨୦ ତାରିଖ ଦିନ ଭାରତ ସରକାରଙ୍କର ଜଳ ସଂଶୋଧନ, ନଦୀ ବିକାଶ ଓ ଗଙ୍ଗା ସଂରକ୍ଷଣ ବିଭାଗ ତରଫରୁ ଭୂତଳ ଜଳ ସଂରକ୍ଷଣ ସମ୍ବନ୍ଧେ ଏକ କର୍ମଶାଳା ଝାରସୁଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିଶରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବ୍ଲକ୍ ଅଧକ୍ଷ ଦିଗମ୍ବର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏହି କର୍ମଶାଳାରେ ବ୍ଲକ୍ ଅଞ୍ଚଳର ପାଖାପାଖି ୧୦୦ଜଣ ଜନସାଧାରଣ ଏବଂ ଜନ ପ୍ରତିନିଧି ଯୋଗଦାନ କରି ଉକ୍ତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ଚାନ୍ଦୁଆ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ

ଶୁଳିଆପଦା, (ଆପ୍ର); ଚାନ୍ଦୁଆ ଥାନା ପକ୍ଷରୁ ଥାନା ଅଧିକାରୀ ବନାନୀ ବେହେରାଙ୍କ ଅଧକ୍ଷତାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମିତିର ସଭାପତି ମୋହନ ସୋରେନ୍, ଉପସଭାପତି ଗୌରାଙ୍ଗ ଚରଣ ପରିଡ଼ା, କୁଆବୁଡ଼ା ସରପଞ୍ଚ ସୀମାଲ ମୁର୍ମୁ, ନୂଆଗାଁ ସରପଞ୍ଚ ଗୌରମୋହନ ସିଂ, ସମାଜସେବୀ ରବିନ୍ ଦଣ୍ଡପାଟ୍, ହାତୀମଡ଼ାର ବୀରେନ୍ଦ୍ର ବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବିତ୍ ଏବଂ ଚାନ୍ଦୁଆ ଥାନାର କାର୍ଯ୍ୟରତଥିବା ସମସ୍ତ ପୋଲିସ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ଟ୍ରାଫିକ୍ ନିୟମ ନମାନିଲେ କି ଦଣ୍ଡ ବ୍ୟବସ୍ଥା ରହିଛି ଓ କେତେ ଟଙ୍କା ଫାଇନ୍ କଟାଯିବ ସେ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା । ଗ୍ରାମାଞ୍ଚଳର ସମସ୍ତଙ୍କୁ ପୋଲିସ ଓ ପୋଲିସ ସମିତି ସଦସ୍ୟମାନେ ପ୍ରତ୍ୟେକ ବିଷୟରେ ସଚେତନତା କରାଇବା ଅତ୍ୟନ୍ତ ଜରୁରୀ ବୋଲି ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ ।

ପୋଲିସ ମହାନିର୍ଦ୍ଦେଶଙ୍କ ଦ୍ୱାରା ୨୫ଟି ପିସିଆର୍ ଭ୍ୟାନ ଲୋକାର୍ପିତ

ରାଉରକେଲା, (ଆପ୍ର): ରାଉରକେଲା ପୋଲିସ୍ ଜିଲ୍ଲା ପାଇଁ ସୁନ୍ଦରଗଡ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ଙ୍କ ଅନୁମୋଦନକ୍ରମେ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍ଏଫ୍)ରୁ ୪ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟ ଅଙ୍କଳରେ ପ୍ରଦତ ୨୫ ଗୋଟି ପିସିଆର୍ ଭ୍ୟାନ୍ ବ୍ୟବସ୍ଥାକୁ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ, ଓଡିଶା ଶ୍ରୀଯୁକ୍ତ ଏମ୍. ଅଭୟ ସ୍ଥାନୀୟ ଉଦିତନଗର ଖେଳ ପଡିଆ ଠାରେ ଆଜି ଲୋକାର୍ପିତ କରିଛଁ । ଏହା ପୂର୍ବରୁ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ, ଓଡିଶା ରାଉରକେଲା ପୋଲିସ୍ ମୁଖ୍ୟାଳୟ ଠାରେ ନବନିର୍ମିତ ମଡେଲ ପୋଲିସ୍ କଂଟ୍ରୋଲ ରୁମ୍‌କୁ ମଧ୍ୟ ଉଦ୍‌ଘାଟନ କରିଛଁ । ଆଜି ଉଦ୍‌ଘାଟିତ ଏହି ପିସିଆର୍ ଭ୍ୟାନ ସୁବିଧା ରାଉରକେଲା ପୋଲିସ୍ ଜିଲ୍ଲାର ବିଭିନ୍ନ ହାଇୱେ ତଥା ଆଭ୍ୟ'ରୀଣ ଖଣି ଅଂଚଳ ଗୁଡିକରେ ସଡକ ଦୁର୍ଘଟଣା ନିୟନ୍ତ୍ରଣ, ଭାରୀଯାନ ନିୟନ୍ତ୍ରଣ ତଥା ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ନିୟନ୍ତ୍ରଣ ଦିଗରେ ସହାୟକ ହେବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ନିୟନ୍ତ୍ରିତ ହୋଇପାରିବ ଏବଂ ଅସୁବିଧାରେ ପଡିଥିବା ଲୋକମାନଙ୍କୁ ତୁର' ସେବା ପ୍ରଦାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ପିସିଆର୍ ସିଷ୍ଟମ ଉଦ୍‌ଘାଟନ ପରେ ଏହି ଗାଡିଗୁଡିକ ସହର ପରିକ୍ରମା କରିଥିଲା । ଏହି ବ୍ୟବସ୍ଥା ଉଦ୍‌ଘାଟନ ଅବସରରେ ପଶ୍ଚିମାଂଚଳ ଡିଆଇଜି ସୁଶ୍ରୀ କବିତା ଜଲାନ, ରାଉରକେଲା ଆରକ୍ଷୀ ଅଧିକ୍ଷକ କେ.ଶିବା ସୁବ୍ରମଣି, ପାନପୋଷ ଉପଜିଲ୍ଲାପାଳ ବିଶ୍ୱଜିତ ମହାପାତ୍ର, ଅତିରିକ୍ତ ଏସ୍‌ପି ସୁରେଶ ଚନ୍ଦ୍ର ପାଠୀ, ଡିଏମ୍ଏଫ୍ ସିଇଓ ରସାଇ ଲାଗୁରୀ, ଏଲ୍ଏଓ, ଡିଏମ୍ଏଫ୍ ଗହଦୁ ମିର୍ଦ୍ଧା, ଡିଏମ୍ଏଫ୍‌ର ବରିଷ୍ଠ ଯାନ୍ତ୍ରିକ ପରିଚାଳକ ଦୀପୁ ସାମଲ, ଯାନ୍ତ୍ରିକ ପରିଚାଳକ ବିଜୟ କୁମାର ପାତ୍ର ପ୍ରମୁଖଙ୍କ ସହ ଜିଲ୍ଲା ପୋଲିସ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ବିଭିନ୍ନ ପଦାଧିକାରୀ ଓ କର୍ମକର୍ତା ଉପସ୍ଥିତ ଥିଲେ ।

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ବେଲପାହାଡ଼, (ଆପ୍ର): ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପନ୍‌ଚଗାଁ ନିକଟସ୍ଥ ଜାତୀୟ ରାଜପଥ ୪୯ରେ ରେଙ୍ଗାଲି ପୁଲିସ ଓ ଏଲଆଣ୍ଡଟି ଠିକା ସଂସ୍ଥାର ମିଳିତ ପ୍ରୟାସରେ ସଡ଼କ ସୁରକ୍ଷା ପାଇଁ ସୋମବାର ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଇକ ଆରୋହୀଙ୍କୁ ବାଇକ ଚଳାଇବା ସମୟରେ ସର୍ବଦା ହ୍ୟାଲମେଟ୍ ବ୍ୟବହାର କରିବା, ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଗାଡ଼ି ଚଳାଇବାକୁ ସମ୍ପୂର୍ଣ୍ଣ ବାରଣ, କାର ସହିତ ଅନ୍ୟ ଭାରୀ ଯାନବାହାନ ଚଳାଇବା ସମୟରେ ଚାଳକମାନଙ୍କୁ ସିଟ୍ ବ୍ୟାଲ୍ଟ ବାନ୍ଧି ଗାଡ଼ି ଚଳାଇବା, ରାସ୍ତା କଡ଼ରେ ବେଆଇନ ଗାଡ଼ି ପାର୍କିଂକୁ ବାରଣ, ନିଶାଦ୍ରବ୍ୟ ବ୍ୟବହାର କରିବା ସହିତ ଦ୍ରୁତ ଗତିରେ ଗାଡ଼ି ଚଳାଇବାକୁ ବାରଣ, ଯେ କୌଣସି ଯାନାବାହାନ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ସହିତ ଅନ୍ୟାନ୍ୟ ପ୍ରମାଣପତ୍ର ନିଜ ପାଖରେ ରଖିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ଏବଂ ହ୍ୟାଡ ଫୋନ ବ୍ୟବହାର କରିବାକୁ ସମ୍ପୂର୍ଣ୍ଣ ବାରଣ ଆଦି ଟ୍ରାଫିକ ନିୟମ ଉପରେ ଜନସଚେତନତା କରାଯାଇଥିଲା । ହେଲମେଟ ବ୍ୟବହାର କରିଥିବା ବାଇକ ଆରୋହୀଙ୍କୁ ଗୋଲାପ ଫୁଲ ପ୍ରଦାନ କରି ଉତ୍ସାହିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ଥାନାର ଏଏସଆଇ ବି ଗୋବର୍ଦ୍ଧନ ପଟ୍ଟନାୟକ, କନକତୋରା ଫାଣ୍ଡି ଅଧିକାରୀ ସୌଭାଗ୍ୟ ରାଉତଙ୍କ ସମେତ ଅନେକ ପୁଲିସ କର୍ମଚାରୀ ଯୋଗଦେଇଥିଲେ ।

ହୀରାକୁଦ ବିସ୍ଥାପିତ ପରିବାରଙ୍କୁ ୧୦ ଡିସିମିଲ ଜମି ପଟ୍ଟା ପ୍ରଦାନ

ବେଲପାହାଡ଼,(ଆ.ପ୍ର): ହୀରାକୁଦ ନଦୀ ବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା ପରିବାରଙ୍କୁ ସରକାର ତଥା ଜିଲା ପ୍ରଶାସନ ପକ୍ଷରୁ ୧୦ ଡିସିମିଲ ଜମି ପରିବର୍ତ୍ତେ ମାତ୍ର ୪ ଡିସିମିଲ ଲେଖାଏଁ ଜମି ପଟ୍ଟା ପ୍ରଦାନ କରାଯାଉଥିବାକୁ ନେଇ ଝାରସୁଗୁଡ଼ା ଜିଲା ଲଖନପୁର ହୀରାକୁଦ ବୁଡ଼ି ଅଂଚଳ ସଂଗ୍ରାମ ସମିତି ପକ୍ଷରୁ ବିରୋଧ କରାଯାଇଥିଲା । ସଂଗ୍ରାମ ସମିତି ପକ୍ଷରୁ ଗତ ୧୬ ତାରିଖ ଦିନ ଲଖନପୁର ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କ ସହିତ ସାକ୍ଷାତ କରି ହୀରାକୁଦ ବିସ୍ଥାପିତ ପରିବାରଙ୍କୁ ୧୦ ଡିସିମିଲ ଲେଖାଏଁ ଜମି ପଟ୍ଟା ପ୍ରଦାନ କରିବାକୁ ଦାବି କରିଥିବା ଜଣାପଡ଼ିଛି । ଏହି ଅବସରରେ ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁ ନିଜ ସଫେଇରେ ଯଦି ଜିଲା କାର୍ଯ୍ୟାଳୟରୁ ଅଦେଶ ହେବ ତେବେ ସେମାନଙ୍କୁ ୧୦ ଡିସିମିଲ ଲେଖାଏଁ ଜମି ପ୍ରଦାନ କରିପାରିବୁ ବୋଲି ସଂଗ୍ରାମ ସମିତିର ନେତୃ ମଣ୍ଡଳୀଙ୍କୁ ପ୍ରକାଶ କରିଥିଲେ । ତହସିଲଦାରଙ୍କ ସହିତ ଆଲୋଚନା ପରେ ସଂଗ୍ରାମ ସମିତିର ନେତୃ ମଣ୍ଡଳୀ ସେହିଦିନ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଭେଟି ଏହାର ସମାଧାନ ପାଇଁ ଅଲୋଚନା କରିଥିଲେ । ତହସିଲଦାର ଓ ଅତିରିକ୍ତ ଜିଲାପାଳଙ୍କ ସହିତ ସାକ୍ଷାତକାର ସମୟରେ ସଂଗ୍ରାମ ସମିତିର ବାସୁଦେବ ଭୋଇ, ଗୋପୀନାଥ ମାଝୀ, ବିରଂଚି ସାହୁ ପ୍ରମୁଖ ସଦସ୍ୟ ସାମିଲ ରହିଥିଲେ । ଏଦିଗରେ ଜିଲାପାଳ ସରୋଜ ସାମଲ ଦୃଷ୍ଟି ଆକର୍ଷଣ କରି ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗତ ତାରିଖ ୧୬/୧/୨୦ ପତ୍ରସଂଖ୍ୟା ୪୦୮ ଯୋଗେ ଲଖନପୁର ତହସିଲଦାରଙ୍କୁ ହୀରାକୁଦ ବିସ୍ଥାପିତ ପରିବାରଙ୍କୁ ୧୦ ଡିସିମିଲ ଲେଖାଏଁ ଜମି ପଟ୍ଟା ପ୍ରଦାନ କରିବାକୁ ଏକ ଆଦେଶନାମା ଜାରି କରିଛଁ । ଏହା ସହିତ ଜିଲାର ସମସ୍ତ ତହସିଲଦାରଙ୍କୁ ଜିଲାପାଳଙ୍କ ପକ୍ଷରୁ ଏହି ଆଦେଶନାମା ଜାରି କରାଯାଇଥିବା ଜଣାପଡ଼ିଛି । ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ଏହି ସମସ୍ୟାର ସମାଧାନ କରିଛି । ହୀରାକୁଦ ବିସ୍ଥାପିତ ପରିବାରଙ୍କ ପାଇଁ ଜିଲା ପ୍ରଶାସନର ଏହି ସକ୍ରିୟ ଭୂମିକାକୁ ସଂଗ୍ରାମ ସମିତି ପକ୍ଷରୁ ଅନେକ ପ୍ରଶଂସା କରାଯାଇଛି । ଆଗାମୀ ଦିନରେ ହୀରାକୁଦ ବିସ୍ଥାପିତ ପରିବାରମାନେ ଏହି ସୁବିଧାର ସୁଯୋଗ ଗ୍ରହଣ କରିବାକୁ ସଂଗ୍ରାମ ସମିତି କାମନା କରିଛି ।

MCL

ମହାନଦୀ କୋଲଫିଲ୍ଡସ ଲିମିଟେଡ୍

(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

ଇ-ଟେଣ୍ଡର ନୋଟିସ୍

ମହାନଦୀ କୋଲ୍‌ଫିଲ୍‌ଡସ ଲିମିଟେଡ୍‌ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଇ-ଟେଣ୍ଡାର ପୋର୍ଟଲ (https://coalindiatenders.nic.in) ର ପ୍ରଦର୍ଶିତ କରାଯାଇଛି ଏବଂ ଏହା ମଧ୍ୟ କେନ୍ଦ୍ରୀୟ ସାର୍ବଜନୀନ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in)ରେ ଦିଆଯାଇଛି। ଅଧିକ ବିବରଣୀ ପାଇ ଦୟାକରି ଏହି ୱେବ୍‌ସାଇଟ୍‌କୁ ପରିଦର୍ଶନ କରନ୍ତୁ।

କ୍ରମ ସଂ.	ଟେଣ୍ଡାର ଆଇଡି	କାର୍ଯ୍ୟ/ସେବାର ନାମ	ଟେଣ୍ଡର ମୂଲ୍ୟ (in Rs.)
1	2020_MCL_161759_1	SUPPLY OF CARBON BRUSH HOLDERS.	28784.00
2	2020_MCL_161058_1	Supply of water for domestic purpose through water tanker to village Jambubahali under Bharatpur Area for 4 months (March to June 2020) i.e. 122 days.	651867.00
3	2020_MCL_161204_1	Supply of water for domestic purpose through water tanker to village Nuasahi,Padmabatipur and Lachhamanpur under Bharatpur Area for 4 months (March to June 2020)i.e. 122 days.	851092.00
4	2020_MCL_161276_1	Supply of water for domestic purpose through water tanker to village Badasinghada and Sanasinghada under Bharatpur Area for 4 months (March to June 2020) i.e. 122 days.	676117.00
5	2020_MCL_161625_1	Repair and Maintenance of Boundary wall of GM Bungalow,Bharatpur Project,Bharatpur Area.	277391.00
6	2020_MCL_161474_1	Supplying of water to the water scarce villages Dharampur and Khairapal of Talcher sub-division for the year-2020, Lingaraj Area (Package-VIII).	702064.00
7	2020_MCL_161669_1	Supplying of water to the water scarce villages Balijodi, Kakudi and Biharipur of Talcher sub-division for the year-2020, Lingaraj Area (Package-X).	974551.00
8	2020_MCL_161670_1	Supplying of water to the water scarce villages Balunga including Balunga Nua Sahi and Balunga New Nua Sahi near Ekadasipur and Talbeda of Talcher sub-division for the year-2020, Lingaraj Area (Package-II).	716920.00
9	2020_MCL_161672_1	Supplying of water to the water scarce villages Scotlandpur Dharampur G.P., Nuasahi Kankili and Sareilo of Talcher sub-division for the year-2020, Lingaraj Area (Package-VII).	935740.00
10	2020_MCL_161712_1	Providing tyre inflation Room at field section of GOCP of Basundhara Area	341090.00
11	2020_MCL_161728_1	Renovation of old Dispensary Building at